## ଯୁବକଙ୍କୁ ଛୁରାମାଡ଼ ଘଟଣା: ଅଭିଯୁକ୍ତ ଥାନାରେ ଅଟକ

ଧୁଷୁରୀ, ୧୬।୩(ଦୀପ୍ତିରଞ୍ଜନ ନାୟକ)

ଧୁଷୁରୀ ଥାନା ଅଧୀନ ଚଟାରପୁର(ସୂର୍ଯ୍ୟପୁର) ଗ୍ରାମରେ ଜଣେ ଯୁବକଙ୍କୁ ଛୁରାମାଡ଼ ଘଟଣାରେ ଗ୍ରାମର ସିଲୁ ଜେନା ନାମକ ଯୁବକଙ୍କୁ ସୋମବାର ପୂର୍ବାହ୍ନରେ ପୋଲିସ ଥାନାକୁ ନେଇ ଅଟକ ରଖିଛି। ସୂଚନାଯୋଗ୍ୟ, ଗତ ଗୁରୁବାର ସେହି ଗ୍ରାମର ଅଧର ଜେନା ନାମକ ଯୁବକ ଧାନ ଜଗିବାକୁ ପଲାରେ ଶୋଇଥିବା ବେଳେ ରାତି ସାଢ଼େ ୧୦ଟା ବେଳେ ମୋବାଇଲ ଚୋରିକୁ କେନ୍ଦ୍ରକରି ସିଲୁ ଗାଳିଗୁଲଜ କରିବା ସହ ତାଙ୍କୁ ଛୁରାମାଡ଼ କରିଥିଲେ। ଏନେଇ ଅଧରଙ୍କ ମା' ଶାନ୍ତିଲତା ଜେନା ଶୁକ୍ରବାର ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୧୨୩/୨୬) ରୁଜୁହୋଇଛି।

# ଡାକ୍ତରଖାନାରେ ଅଧାପନ୍ତରିଆ ପାନୀୟ ଜଳ ପ୍ରକଳ୍ପ

## ରୋଗୀ, ଆଟେଣ୍ଡାଣ୍ଟ ହଇରାଣ

ବାସୁଦେବପୁର, ୧୬।୩
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। କିଛିଦିନ ହେଲା ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟ, ଡାକ୍ତରଖାନା କର୍ମଚାରୀ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ପ୍ରତିଦିନ ବହୁ ରୋଗୀ ଓ ଆଟେଣ୍ଡାଣ୍ଟ ଏଠାକୁ ଆସୁଥିବା ବେଳେ ଡାକ୍ତରଖାନାରେ ପାନୀୟ ଜଳ ସଙ୍କଟ ଲୋକଙ୍କୁ ଚିନ୍ତାରେ ପକାଇଛି। ଡାକ୍ତରଖାନା ପରିସରରେ ଥିବା ଗୋଟିଏ ନଳକୂପ ଉପରେ ରୋଗୀମାନେ ଭରସା କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ୨ଟି ପଏଣ୍ଟରେ ପାଇପ୍ ଜଳ ପ୍ରକଳ୍ପର ବ୍ୟବସ୍ଥା ଥିବାବେଳେ ସେଥିରୁ ପାଣି ବାହାରୁ ନାହିଁ। ଏହିପ୍ରକଳ୍ପ ଅଧାପନ୍ତରିଆ ହୋଇ ଦୀର୍ଘଦିନ ଧରି ପଡ଼ିରହିଛି। ଏହି ଡାକ୍ତରଖାନାରେ ୫-ଟି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିବା ବେଳେ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ନ ହେବା ଓ ସେଥିରୁ ଟୋପାଏ ପାଣି ନ ବାହାରିବା ନେଇ ରୋଗୀ, ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୁଶାନ୍ତ କୁମାର ସାମନ୍ତଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଆବଶ୍ୟକ ପଦକ୍ଷେପ ନେବେ ବୋଲି କହିଛନ୍ତି। ପ୍ରକାଶଯୋଗ୍ୟ, ଗତ ସପ୍ତାହରେ ଏହି ଡାକ୍ତରଖାନାରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତି ବୈଠକରେ ମଧ୍ୟ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ଦାବି କରାଯାଇଥିଲା। ବିଧାୟକ ଅଶୋକ କୁମାର ଦାସ ଏହି ପ୍ରକଳ୍ପକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ।


ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧାପନ୍ତରିଆ ହୋଇ ପଡ଼ିରହିଥିବା ପାନୀୟ ଜଳ ପ୍ରକଳ୍ପ।

## ଆନ୍ଦୋଳନକୁ ଓହ୍ଲାଇବ ପାଚିକା ସଂଘ

ଭଣ୍ଡାରିପୋଖରୀ, ୧୬।୩(ରାଜେନ୍ଦ୍ର ଶତପଥୀ)

ଦୀର୍ଘବର୍ଷ ହେବ ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ପାଚିକା ଓ ସହାୟିକାମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ସେମାନେ ବାରମ୍ବାର ଦାବି କରୁଥିବା ସତ୍ତ୍ୱେ ସରକାର କୌଣସି କଥା ଶୁଣୁନାହାନ୍ତି। ଏଣୁ ବାଧହୋଇ ହଜାର ହଜାର ପାଚିକା ଓ ସହାୟିକାମାନେ ଆସନ୍ତା ୧୮ ତାରିଖରୁ ମଧ୍ୟାହ୍ନଭୋଜନରେ ଅସହଯୋଗ କରିବେ। ଏହାବ୍ୟତୀତ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା କରିବେ। ଏନେଇ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହ ଅନୁବନ୍ଧିତ ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ରାଜ୍ୟ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ସଂଘର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ସୋମବାର ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଜିଲା ଶିକ୍ଷା ଅଧିକାରୀ ଡ. ଜଗବନ୍ଧୁ ସାହୁ ଓ ସେଠାରେ ଉପସ୍ଥିତ ଥିବା ଭଦ୍ରକ ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ନନ୍ଦିତା ଦାସ, ମିନତି ଦାସ, ସଂଯୁକ୍ତା ସ୍ୱାଇଁ, ଜୟନ୍ତୀ ମହାରଣା, ରୂପଶ୍ରୀ ନାୟକ, ଚମ୍ପକଲତା ଓଝା ପ୍ରମୁଖ ଛୁଟି ମଞ୍ଜୁର ପାଇଁ ଅନୁରୋଧ କରିଛନ୍ତି।

## ‘ଭାଷାକୁ ସମୃଦ୍ଧ କରିଥାଏ ଉଚ୍ଚକୋଟୀର ସାହିତ୍ୟ’

ତିହିଡ଼ି, ୧୬।୩(ସଞ୍ଜିତ ବଳ)

ମାଟି ଓ ଭାଷା ପ୍ରତି ସମସ୍ତଙ୍କର ମମତା ଥାଏ। ତେବେ ଉଚ୍ଚକୋଟୀର ସାହିତ୍ୟ ହିଁ ଭାଷାକୁ ସମୃଦ୍ଧ କରିଥାଏ ବୋଲି ରବିବାର ତିହିଡ଼ି ବ୍ଲକ ବିନ୍ଧାବଜାରସ୍ଥିତ କୁମ୍ଭାରସାହି ସପ୍ତାଦାଣ୍ଡରେ ଅନୁଷ୍ଠିତ ସାହିତ୍ୟ ସଂସ୍କୃତି ବିକାଶ ପରିଷଦର ୧୦ମ ବାର୍ଷିକ ସାରସ୍ୱତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପରିଷଦର ସଭାପତି ପି ହୃଷୀକେଶଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ଡ. ଧରଣୀଧର ନାଥ, ମୁଖ୍ୟବକ୍ତା ପ୍ରାବନ୍ଧିକ ଡ.ବାବାଜୀ ଚରଣ ପଟ୍ଟନାୟକ ଏବଂ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଚିତ୍ତରଞ୍ଜନ ବେହେରା ଯୋଗ ଦେଇଥିଲେ। ଓଡ଼ିଆ ଭାଷାର ଭବିଷ୍ୟତ ଉଜ୍ଜ୍ୱଳ ହେବା ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ପରିଷଦର ସମ୍ପାଦକ ମଥୁରାମୋହନ ବେହେରାଙ୍କ ପୁସ୍ତକ ‘ସିନ୍ଦୁରା ଫାଟିବାର ବେଳ’ ଓ ତ୍ରିଲୋଚନ ବେହେରାଙ୍କ ପୁସ୍ତକ ‘ଆଦ୍ୟାକ୍ଷର’ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ କଥାକାର ଉମାକାନ୍ତ ମିଶ୍ର, ଶିକ୍ଷାବିତ୍ ଓ ସାହିତ୍ୟିକ ନିରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ଅରୁଣ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ, ସମ୍ପାଦକ ବେହେରା ବିବରଣୀ ପାଠ ଓ କବି ରଞ୍ଜୁଲତା ଗାହାଣ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ସଂଯୁକ୍ତା ଭାରତୀଙ୍କ ପୌରୋହିତ୍ୟରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବିବିଜୟ ବେହେରା ଓ ମାନସ ପାଢ଼ୀଙ୍କ ସଂଯୋଜନାରେ ବହୁ କବି କବିତାପାଠ କରିଥିଲେ। ଡ. ଲକ୍ଷ୍ମୀଧର ତ୍ରିପାଠୀ, କୁଳମଣି ସାହୁ, ଶୀତଳ କୁମାର ବେହେରା, ଭାଗୀରଥି ଆଚାର୍ଯ୍ୟ, ନିତ୍ୟାନନ୍ଦ ମଲ୍ଲିକ ବିଶ୍ୱଜିତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ମିଳିତ ଜନଶୁଣାଣି: ଆସିଲା ୧୭୨ ଅଭିଯୋଗ


ନାଲଗୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ଅଭିଯୋଗକାରୀଙ୍କ ଭିଡ଼।

ଚାନ୍ଦବାଲି, ୧୬।୩(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ନାଲଗୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପୂର୍ବାହ୍ନ ୧୦ଟାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ ରାଉତ ଯୋଗଦେଇ ଶିବିରକୁ ଆସିଥିବା ୧୭୨ ଅଭିଯୋଗ ଶୁଣିଥିଲେ। ପାନୀୟ ଜଳ ସମସ୍ୟା, ନୂତନ ଖାଉଟି କାର୍ଡରେ ନାମ ଯୋଡ଼ିବା, ସାମାଜିକ ଭତ୍ତା, ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ନିର୍ମାଣରେ ବିଳମ୍ବ ଆଦି ସମ୍ପର୍କିତ ଅଧିକାଂଶ ଅଭିଯୋଗ ଥିଲା। ୩୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରମୋଦ କୁମାର ପ୍ରହରାଜ, ଏସ୍‌ଡିପିଓ ପ୍ରଭାସ ସାହୁ, ତହସିଲଦାର ଭବତୋଷ ମଲ୍ଲିକ, ବିଡିଓ ସଞ୍ଜୀବ ମହାପାତ୍ର, ଚାନ୍ଦବାଲି ଥାନାଧିକାରୀ ପରେଶ ମହାନ୍ତି, ସରପଞ୍ଚ ଭାରତୀ ବିଶ୍ୱାଳ ଓ ସମିତିସଭ୍ୟ ଅଭୟ ବଳଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ ଶିବିରରେ ଉପସ୍ଥିତ ଥିଲେ।

## ୩୧ରୁ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିର ବାର୍ଷିକ ମହୋତ୍ସବ

ଧାମନଗର, ୧୬।୩(ଦେବେନ୍ଦ୍ର ଆଢିଆ)

ଧାମନଗର ବ୍ଲକ ଦୋବଲ କାଳୀବଜାରସ୍ଥିତ ବୈଦିକ ଯଜ୍ଞ ସତ୍‌ସଙ୍ଗ ସମିତିର ୩୯ତମ ବାର୍ଷିକ ମହୋତ୍ସବ ଚଳିତ ମାସ ୩୧ ତାରିଖରୁ ଆରମ୍ଭ ହେବ। ତିନିଦିନ ଧରି ମହୋତ୍ସବ ଚାଲିବ। ରବିବାର ଯଜ୍ଞ ମଣ୍ଡପଠାରେ ଏନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି କୃତିବାସ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ପ୍ରମୋଦ କୁମାର ନାୟକ ମହୋତ୍ସବର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ବିଜୟ କୁମାର ଶାସ୍ତ୍ରୀ, ବ୍ରଜବନ୍ଧୁ ଆର୍ଯ୍ୟ, ଜଗବନ୍ଧୁ ଶାସ୍ତ୍ରୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ରାଜକିଶୋର ବାହୁବଳେନ୍ଦ୍ର, ପ୍ରତାପ ସାମଲ, ପଣ୍ଡିତ ନକୁଳଦେବ ଶାସ୍ତ୍ରୀ, ହୃଦାନନ୍ଦ କର, ପ୍ରଦୀପ କୁମାର ମହାପାତ୍ର, ପ୍ରଶାନ୍ତ କୁମାର ସାହୁ, ରାସବିହାରୀ ମହାନ୍ତି, ପଞ୍ଚାନନ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସରିଲା ହରିହାଟ ମହୋତ୍ସବ

### ପୋଖରୀ ଭିତରେ ଶ୍ରୀମନ୍ଦିର ଆକୃତି ମୁଖ୍ୟ ଆକର୍ଷଣ

ଚାନ୍ଦବାଲି, ୧୬।୩(କିଷାନ ପାତ୍ର)



ଚାନ୍ଦବାଲି ବ୍ଲକ ଓରାସାହି ପଞ୍ଚାୟତର କାଣ୍ଡଗରଡ଼ି ପରିଡ଼ାସାହିରେ ତିନିଦିନ ଧରି ଚାଲିଥିବା ପାରମ୍ପରିକ ହରିହାଟ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ନାମ ସଂକୀର୍ତ୍ତନ, ଭଜନରେ ସମ୍ପୃକ୍ତ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଚଳିତବର୍ଷ ପୋଖରୀ ଭିତରେ ତିଆରି ହୋଇଥିବା ଶ୍ରୀମନ୍ଦିର ଆକୃତି ସହ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ଚତୁର୍ଦ୍ଧାମୂର୍ତ୍ତି ମୁଖ୍ୟ ଆକର୍ଷଣ ସାଜିଥିଲା। ରଙ୍ଗିନ ଆଲୋକ ସଜ୍ଜା ଓ ଆକର୍ଷଣୀୟ ଶିଳ୍ପକଳା ମନମୁଗ୍ଧକର ହୋଇଥିଲା। ଏହି ସୁନ୍ଦର ମନୋରମ ଦୃଶ୍ୟକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ଜମିଥିଲା। ପରିଡ଼ାସାହି ହରିହାଟ ଯୁବକ ସଂଘର ସଦସ୍ୟମାନେ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

## ଡା. ହରେକୃଷ୍ଣ ନାୟକଙ୍କୁ ନାଗରିକ ସମ୍ବର୍ଦ୍ଧନା


ନାଗରିକ ସମ୍ବର୍ଦ୍ଧନା ସଭାରେ ଅତିଥି।

ଭଦ୍ରକ, ୧୬।୩(ସନାତନ ରାଉତ/ରବିନାରାୟଣ ଖିଲାର)

ଭାରତୀୟ ଚିକିତ୍ସକ ସଂଘର ଓଡ଼ିଶା ଶାଖା ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଭଦ୍ରକର ଡା. ହରେକୃଷ୍ଣ ନାୟକଙ୍କୁ ଉତ୍ସର୍ଗୀକୃତ ସେବା ପାଇଁ ଭଦ୍ରକ ନାଗରିକ ସମାଜ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରବିବାର ସନ୍ଧ୍ୟାରେ ଜିଲା ସଂସ୍କୃତି ଭବନରେ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ନାଗରିକ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଡା. ନାୟକଙ୍କ ଦ୍ୱାରା ପ୍ରତିଷ୍ଠିତ କଳ୍ପନା ଦେବୀ ବୃଦ୍ଧାଶ୍ରମ ତାଙ୍କ ଉତ୍ସର୍ଗୀକୃତ ସେବାର ଜ୍ୱଳନ୍ତ ଦୃଷ୍ଟାନ୍ତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ଡା. ରବୀନ୍ଦ୍ର କୁମାର ନାୟକ, କାର୍ତ୍ତିକ ଚନ୍ଦ୍ର ରାଉତ, କ୍ୟାପ୍‌ଟେନ ସୁଦୀପ ସାହୁ ଯୋଗଦେଇ ଡା. ନାୟକ ଭଦ୍ରକରେ ପ୍ରଥମ ନର୍ସିଂହୋମ୍ ଏବଂ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ପ୍ରତିଷ୍ଠା କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିଲେ ବୋଲି ମତବ୍ୟକ୍ତ କରିଥିଲେ। ରୋଟାରିଆନ ଅଭିଜିତ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସୁଧାକର ରାଉତ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଡା. ଭାଗ୍ୟଶ୍ରୀ ପଣ୍ଡା ଡା. ନାୟକଙ୍କ ଜୀବନୀ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ରୋଟାରି କ୍ଲବ୍, ଇନରହୁଇଲ କ୍ଲବ୍, ଭଦ୍ରକାଳୀ ଲାୟନ୍ସ କ୍ଲବ୍, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ଓ ବିଭିନ୍ନ ସଂଘ ପକ୍ଷରୁ ଡା. ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ଅମ୍ବିକା ବଲ୍ଲଭ ସ୍ୱାଇଁ, ଡା. ବିକାଶ ନନ୍ଦ, ଇଂ. ବସନ୍ତ କୁମାର ପାଣିଗ୍ରାହୀ, ରାମନାରାୟଣ ମହାନ୍ତି, ଆଇନଜୀବୀ ଅଞ୍ଜୁବାଳା ରାଉତ, ଅଞ୍ଜନା ମିଶ୍ର, ଜଗନ୍ନାଥ ରାଉତ, ତ୍ରୈଲୋଚନ ବେହୁରିଆ, ଶାନ୍ତନୁ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦିଲୀପ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ବୃଦ୍ଧ ଦମ୍ପତି

ଅସୁରାଲି, ୧୬।୩(ସନ୍ତୋଷ ସାହୁ)



ଏସ୍‌ପିଙ୍କ ଅଫିସ ଆଗରେ କୋଠାର ଗ୍ରାମର ଯୋଗେନ୍ଦ୍ର ଯେନା ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ଯେନା।

ଧାମନଗର ବ୍ଲକ ଅଧୀନ କୋଠାର ଗ୍ରାମର ବୃଦ୍ଧ ଦମ୍ପତି ଯୋଗେନ୍ଦ୍ର ଯେନା ଓ ତାଙ୍କ ସ୍ତ୍ରୀ ଜୟନ୍ତୀ ଯେନା ନ୍ୟାୟ ପାଇଁ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଏସ୍‌ପି ମନୋଜ କୁମାର ରାଉତଙ୍କୁ ଭେଟି ସେମାନଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଧମକ ଦେଉଥିବା ନିଜ ପୁଅବୋହୂଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ୧୫ ବର୍ଷ ହେବ ପୁଅ ବୋହୂ ସେମାନଙ୍କୁ ଅଲଗା କରି ଦେଇଛନ୍ତି। ଭରଣ ପୋଷଣ ଦେଉନାହାନ୍ତି କି ତାଙ୍କ ବିବାହିତା ଝିଅଙ୍କୁ ଅନାଉ ନାହାନ୍ତି। ଯୋଗେନ୍ଦ୍ରଙ୍କ ନାମରେ ବିଦ୍ୟୁତ୍ ସଂଯୋଗ ଥିବାବେଳେ ପୁଅ ବୋହୂ ବିଦ୍ୟୁତ୍ ବ୍ୟବହାର କରୁଛନ୍ତି କିନ୍ତୁ ବିଲ୍ ଦେଉନାହାନ୍ତି। ୫୦୦ଟଙ୍କା ବିଦ୍ୟୁତ୍ ବିଲ୍ ଭରିବାକୁ ମନା କରିବାରୁ ପୁଅ ତାଙ୍କ ସହ ଯୁକ୍ତିତର୍କ କରି ଗାଳିଗୁଲଜ କରିଥିଲେ। ବାଧହୋଇ ଯୋଗେନ୍ଦ୍ର ସୁନା ବିକି ବିଦ୍ୟୁତ୍ ବିଲ୍ ପୈଠ କରିଥିଲେ। ଏପରିକି ପୁଅବୋହୂ ଗାଳିଗୁଲଜ କରିବା ସହ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ଏନେଇ ଗତ ଶନିବାର ସେମାନେ ଧୁଷୁରୀ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ନ୍ୟାୟ ନ ମିଳିବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ବୃଦ୍ଧ ଦମ୍ପତି କହିଛନ୍ତି। ଏହି ଘଟଣାର ତଦନ୍ତ କରିବା ପାଇଁ ଧୁଷୁରୀ ଥାନା ଆଇଆଇସିଙ୍କୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।

## ‘ଯୁବପିଢ଼ି ଶସ୍ତ୍ର ଓ ଶାସ୍ତ୍ର ନିପୁଣ ହେବା ଆବଶ୍ୟକ’

ଭଦ୍ରକ, ୧୬।୩(ସନାତନ ରାଉତ)

ଭଦ୍ରକ ପୌରପାଳିକା ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ରବିବାର ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର ଅନୁଷ୍ଠିତ ହୋଇଯାଇଛି। ସ୍ତମ୍ଭକାର ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଆସରକୁ ସାମାଜିକ କର୍ମୀ ଶୁଭ୍ରକାନ୍ତି ଦାଶ ଓ ଭଦ୍ରକ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରାମଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ‘ଯୁବ ସମାଜ ଶାସ୍ତ୍ରାନୁରାଗୀ ନୁହନ୍ତି କାହିଁକି’ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଅଜୟ କୁମାର କର, ମୁଖ୍ୟବକ୍ତା ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର କର, ଅନ୍ୟତମ ବକ୍ତା ବାବାମଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ନୀହାର ରଞ୍ଜନ କର, ସ୍ୱତନ୍ତ୍ର ଅତିଥି ଭାବେ ବେଷ୍ଟ ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ଇଂ. ରବୀନ୍ଦ୍ର କୁମାର ଜେନା, ନାଟ୍ୟକାର ଲଲାଟେନ୍ଦୁ ମହାନ୍ତି, ଶିକ୍ଷାବିତ୍ ଜଗନ୍ନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏକ ସୁସ୍ଥ ସମାଜ ଗଠନ ପାଇଁ ଯୁବପିଢ଼ି ଅସ୍ତ୍ର, ଶସ୍ତ୍ର ଓ ଶାସ୍ତ୍ର ନିପୁଣ ହେବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ, ଅଧ୍ୟାପିକା ପ୍ରମୋଦା କୁମାରୀ ପଣ୍ଡା ଓ ସାବିତ୍ରୀ ବାନାର୍ଜୀଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରତିଷ୍ଠାତା ସମ୍ପାଦକ ଡା. ଅନୀଲ କୁମାର ଦାଶ ସମ୍ପାଦକୀୟ ପାଠ ଓ ପ୍ରକୃତିବନ୍ଧୁ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହସମ୍ପାଦିକା ମମତାରାଣୀ ଦାଶ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷାବିତ୍ ସତ୍ୟପ୍ରକାଶ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଲିବଲ୍ ଟୁର୍ନାମେଣ୍ଟ: ହରିୟାଣା ଚାମ୍ପିୟନ

ତିହିଡ଼ି, ୧୬।୩(ସଞ୍ଜିତ ବଳ)



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଟିମ୍‌ର ଖେଳାଳି।

ତିହିଡ଼ି କାଳୀପଡ଼ିଆରେ ଶ୍ୟାମା କ୍ଲବ୍ ପକ୍ଷରୁ ଆୟୋଜିତ ବିଷ୍ଣୁ ସ୍ମାରକୀ ଏକଦିବସୀୟ ଦିବାରାତ୍ର ଆନ୍ତଃରାଜ୍ୟ ସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ-୨୦୨୬ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ସୂର୍ଯ୍ୟଶିଖା, ପୁରୀ କ୍ଲବ୍, ଭୁବନେଶ୍ୱର ରେନ୍‌ବୋ, ହରିୟାଣା ଓ ଏପି ସିକ୍ସର(ଯାଜପୁର) ଭାଗ ନେଇଥିଲେ। ଫାଇନାଲ ମ୍ୟାଚ୍‌ରେ ଭଦ୍ରକ ସୂର୍ଯ୍ୟଶିଖାକୁ ହରାଇ ହରିୟାଣା ଦଳ ଚାମ୍ପିୟନ ହୋଇଛି। ଜାତୀୟ ସ୍ତରର ୫ଜଣ ରେଫରି ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ତିହିଡ଼ି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ସିତାକାନ୍ତ ନାୟକ, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସାମାଜିକ କର୍ମୀ ରଘୁନାଥ ପାତ୍ର ଓ ସୁରେନ୍ଦ୍ର ନାୟକ ଯୋଗ ଦେଇଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ରନରଅପ୍‌କୁ କପ୍ ପ୍ରଦାନ କରାଯାଇଥିଲା। ଶ୍ୟାମା କ୍ଲବ୍‌ର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପୂର୍ବତନ ଭଲିବଲ୍ ଖେଳାଳି ରବିନାରାୟଣ ଜେନା, ସୟଦ ଗୋଲାମ ନବି, ନିରଞ୍ଜନ ବାରିକ ଓ ମନୋଜ କୁମାର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଗିରିଜା ରମଣ ଜେନା, ପ୍ରଭାତ ଜେନା, ପ୍ରତାପ ଜେନା, ମନୋଜ ସେନାପତି, ଧୀରେନ୍ଦ୍ର ସାହୁଙ୍କ ସମେତ କ୍ଲବ୍‌ର ସମସ୍ତ ପୁରାତନ ସଦସ୍ୟ ସହଯୋଗ କରିଥିଲେ।

## ଆର୍‌ଆଇଙ୍କ କାର୍ଯ୍ୟାଳୟ ଆଗରେ ବିଜେଡିର ବିକ୍ଷୋଭ

### ଗଜାଧୋଇଜନିତ ସହାୟତା ଦାବି

ଧୁଷୁରୀ, ୧୬।୩(ଦୀପ୍ତିରଞ୍ଜନ ନାୟକ)



ବିଜେଡି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଚାନ୍ଦବାଲି ବ୍ଲକ ଆରଡ଼ି ଆର୍‌ଆଇ (ରାଜସ୍ୱ ନିରୀକ୍ଷକ)ଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ବିଜେଡି ପକ୍ଷରୁ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗତ ବନ୍ୟାରେ ସୁନ୍ଦରପୁର, ଆରଡ଼ି, ନାନ୍ଦପୁର, ଓଳଗ ଆଦି ପଞ୍ଚାୟତରେ ଧାନ ଗଜା ଧୋଇ ହୋଇଯାଇଥିଲା। ଇନ୍‌ପୁଟ ସହାୟତା ପାଇଁ ଚାଷୀମାନେ ଆବେଦନ କରିଥିଲେ। ହେଲେ ତହସିଲଦାର ୩୦ ପ୍ରତିଶତରୁ କମ୍ ଫସଲହାନି ଘଟିଥିବା ଦର୍ଶାଇଥିବାରୁ ଚାଷୀମାନେ ଏହି ସହାୟତାରୁ ବଞ୍ଚିତ ହୋଇଥିବା ବିଜେଡି ଅଭିଯୋଗ କରିଛି। ଏହାର ପୁନର୍ବିଚାର କରାଯାଇ ଚାଷୀମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି କରାଯାଇଛି। ଏନେଇ ଏକ ଦାବିପତ୍ର ରାଜସ୍ୱ ନିରୀକ୍ଷକ ଗୋଲଖ ମୁର୍ମୁଙ୍କ ଜରିଆରେ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ନାନ୍ଦପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସରୋଜ କୁମାର ଦାସ, ଆରଡ଼ି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରବିନ୍ଦ ପାଢୀ, ସୁନ୍ଦରପୁର ସରପଞ୍ଚ ଅଭିମନ୍ୟୁ ଜେନା, ଓଳଗ ସରପଞ୍ଚ ପ୍ରଫୁଲ୍ଲ ବେହେରା, ଯୁବନେତା ସ୍ୱାଧୀନ ଦାସଙ୍କ ସମେତ ଶତାଧିକ କର୍ମୀ ବିକ୍ଷୋଭରେ ସାମିଲ ଥିଲେ।

# ଘୂର୍ଣ୍ଣିଝଡ଼ରେ ୨ ହଜାର ଲୋକ ପ୍ରଭାବିତ

- ୨ ମୃତ, ୩୪ ଗୁରୁତର
- ବିପନ୍ନଙ୍କୁ ସରକାରୀ ସହାୟତା
- ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଣ

ବାରିପଦା,୧୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଘୂର୍ଣ୍ଣିଝଡ଼ ପ୍ରଭାବରେ ହୋଇଥିବା କ୍ଷୟକ୍ଷତି।

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡରେ ରବିବାର ଅପରାହ୍ନରେ ଘୂର୍ଣ୍ଣିଝଡ଼ ଯୋଗୁ ୮ଟି ଗାଁର ୨୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ୨୧୮ଟି ଘରର ଛପର ଉଡ଼ିଯାଇଥିବାବେଳେ ୨ଜଣଙ୍କ ପ୍ରାଣହାନି ଘଟିଛି। ୩୪ ଜଣ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ବିପନ୍ନ ପରିବାରକୁ ସରକାରୀ ସହାୟତା ସହ ରନ୍ଧା ଓ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯାଉଛି। ରାଜସ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଜିଲାପାଳ ହେମକାନ୍ତ ସାୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ଥଇଥାନ କାର୍ଯ୍ୟ ଶୀଘ୍ର ସାରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, କରଞ୍ଜିଆ ବ୍ଲକ୍ ଅଧୀନ ବଳା ଓ ତାଟୋ ପଞ୍ଚାୟତର କିଆ, ପାନପୋଷି, ଡୁମୁରିଆ, ବନ୍ଧସାହି, ତେନ୍ତୁଳିପୋଷି, ପୁରୁଣାପାଣି, ରଥିଆସାହି ଓ କଙ୍କଡ଼ାକୁ ମିଶାଇ ମୋଟ ୮ଟି ଗ୍ରାମରେ ଘୂର୍ଣ୍ଣିଝଡ଼ ତାଣ୍ଡବ ରଚିଥିଲା। ପ୍ରବଳ ବେଗରେ ପବନ ବହିବାରୁ ଏକ ଯାତ୍ରୀବାହୀ ଅଟୋ, ଗୋଟିଏ ବାଇକ୍ ଓ ଗୋଟିଏ ସ୍କୁଟି ଭାରସାମ୍ୟ ହରାଇ ଏକ ପୋଖରୀ ମଧ୍ୟକୁ ପଶିଯାଇଥିଲେ। ଫଳରେ ଅଟୋଚାଳକ ହଳଦୀବଟା ଗ୍ରାମର ପୋଲିସ ନାଏକଙ୍କ ମୃତ୍ୟୁ ଘଟିଛି। ସେହିପରି ରାସ୍ତାରେ ଚାଲି ଚାଲି ଯାଉଥିବା ମାଳତୀ ମହାନ୍ତ(୫୫) ନାମ୍ନୀ ଜଣେ ମହିଳା ପବନରେ ଉଡ଼ିଯାଇ ଏକ ବିଲ ମଧ୍ୟରେ ପଡ଼ି ପ୍ରାଣ ହରାଇଛନ୍ତି। ଘୂର୍ଣ୍ଣିଝଡ ଏତେ ଶକ୍ତିଶାଳୀ ଥିଲା ଯେ ବଡ଼ ବଡ଼ ଗଛ ଭାଙ୍ଗି ପଡିଥିବାରୁ ଗାଁଗୁଡ଼ିକ ଏବେ ମରୁଭୂମି ସଦୃଶ୍ୟ ଦୃଶ୍ୟମାନ ହେଉଛି। ଶତାଧିକ ଘରର ଛପର ଉଡ଼ିଯାଇଥିବା ବେଳେ ବିଦ୍ୟୁତ ଖୁଣ୍ଟ ମଧ୍ୟ ଓଲଟି ପଡ଼ିଛି। ରବିବାର ସନ୍ଧ୍ୟାରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚି ଆହତ ବ୍ୟକ୍ତିଙ୍କ ଚିକିତ୍ସା ପାଇଁ ସହାୟତା ପ୍ରଦାନ କରିଥିଲେ। ସୋମବାର ସକାଳୁ ପ୍ରଶାସନ ପକ୍ଷରୁ ଡୁମୁରିଆ ଅଙ୍ଗନୱାଡ଼ି, କିଆ, ପାନପୋଷି, ବଳା ସ୍କୁଲ ଓ ବାଟପଲସାଠାରେ ୨୦୦୦ ଲୋକଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ୩୦୦ ପଲିଥିନ ବଣ୍ଟନ କରାଯାଇଛି। ଘୂର୍ଣ୍ଣିଝଡରେ ୩୪ଜଣ ଗୁରୁତର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯ଜଣ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧାବୃଦ୍ଧ ଓ ଶିଶୁମାନଙ୍କ ପାଇଁ ଶୁଖିଲା ଖାଦ୍ୟ, ପାଣି, ରନ୍ଧାଖାଦ୍ୟ ଘରେ ଘରେ ଯୋଗାଇ ଦିଆଯାଉଥିବା ବେଳେ ରାତିରେ ଜେନେରେଟର ଓ କ୍ୟାଣ୍ଡେଲର ବ୍ୟବସ୍ଥା କରାଯାଇଛି । ତେବେ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ୪ ଦିନ ଧରି ମୟୂରଭଞ୍ଜ ଜିଲାକୁ ୟେଲୋ ଓ୍ୱାର୍ଣ୍ଣ ଜାରି କରାଯାଇଥିବାରୁ ଲୋକମାନଙ୍କ ସୁରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଭଙ୍ଗା ଘର କାନ୍ଥ ପଡ଼ିବାର ସମ୍ଭାବନା ରହୁଥିବାରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଉଛି। ବର୍ଷା ବେଳେ ନିରାପଦ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସର୍ତ୍ତକ କରାଯାଉଛି। ପ୍ରଶାସନ ପକ୍ଷରୁ ୬ଟି ଆଶ୍ରୟସ୍ଥଳର ବ୍ୟବସ୍ଥା କରାଯାଇଥିବାବେଳେ ପରିସ୍ଥିତିକୁ ସ୍ୱାଭାବିକ କରିବା ପାଇଁ ରାଇରଙ୍ଗପୁର ଅତିରିକ୍ତ ଜିଲାପାଳ ସୁଚାରୁ ବଳ, କରଞ୍ଜିଆ ଉପଜିଲାପାଳ କସ୍ତୁରୀ ପଣ୍ଡା, ବିଭିନ୍ନ ତହସିଲର ତହସିଲଦାର, ୪ଟି ଦମକଳ ବାହିନୀ, ମେଡିକାଲ ଟିମ୍, ଭେଟେରିନାରି ଟିମ୍, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ ବିଭାଗ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ପରିସ୍ଥିତିକୁ ସୁଧାରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି।


ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି।

# ସଫେଇ କର୍ମଚାରୀଙ୍କ ଧାରଣା


ଧାରଣାରେ ସଫେଇ କର୍ମଚାରୀମାନେ।

ମୋରଡ଼ା,୧୬।୩ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବାରଗାଲିଆସ୍ଥିତ କିଶାନବାଣ୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କର୍ମଚାରୀମାନେ ସୋମବାର ଡାକ୍ତରଖାନା ସମ୍ମୁଖରେ ଧାରଣାରେ ବସିଛନ୍ତି। ସୂଚନା ମୁତାବକ, ଦୀର୍ଘଦିନ ଧରି ଆଉଟ ସୋର୍ସିଙ୍ଗ କର୍ମଚାରୀମାନଙ୍କୁ ସରକାର ପ୍ରତାରଣା କରି ଆସୁଛନ୍ତି। ଯାହାକୁ ନେଇ ରାଜ୍ୟର ସମସ୍ତ ଆଉଟ ସୋର୍ସିଙ୍ଗ କର୍ମଚାରୀ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସଫେଇ କର୍ମଚାରୀମାନେ ଧାରଣାରେ ବସିଥିଲେ। ତେବେ ହସ୍ପିଟାଲ ଏକ ଅତ୍ୟାବଶ୍ୟକ ସଂସ୍ଥା ହୋଇଥିବାରୁ ଡାକ୍ତରଖାନା ସଫେଇ କାର୍ଯ୍ୟ ସାରି ୩ ଘଣ୍ଟା ଧାରଣାରେ ବସିଥିଲେ। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଏବଂ ଯେଉଁ ଆଉଟ ସୋର୍ସିଙ୍ଗ କର୍ମଚାରୀମାନଙ୍କୁ ଛଟେଇ କରି ଦିଆଯାଇଛି ସେମାନଙ୍କୁ ପୁନଃ ନିଯୁକ୍ତି ପ୍ରଦାନ ପାଇଁ ସେମାନେ ଦାବି କରିଛନ୍ତି।

# ୨ ଅଭିଯୁକ୍ତ କୋର୍ଟ ଚାଲାଣ

## ଶିଖରଖୁଣ୍ଟା ଅପହରଣ ଉଦ୍ୟମ ଘଟଣା

ବୈଶିଙ୍ଗା,୧୬।୩(ରତନ ଦାଶ)


ଗିରଫ ୨ ଅଭିଯୁକ୍ତ।

ବୈଶିଙ୍ଗା ଥାନା ଅଧୀନ ଶିଖରଖୁଣ୍ଟା ଗ୍ରାମରେ ଏକ ଅପହରଣ ଉଦ୍ୟମ ଘଟଣାରେ ୨ ଅଭିଯୁକ୍ତଙ୍କୁ ସୋମବାର ପୋଲିସ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଅଞ୍ଚଳର ରୁହିଆ ମୁର୍ମୁ ଓ ଚାନ୍ଦିପୁର ଅଞ୍ଚଳର ସନିଆ ଚପିଆର। ସୂଚନା ଅନୁଯାୟୀ, ଗତ ୧୦ ତାରିଖ ସନ୍ଧ୍ୟା ସମୟରେ ବାଲେଶ୍ୱର ଅଞ୍ଚଳରୁ ୩ଟି ବାଇକ୍‌ରେ ୮ ଜଣ ଯୁବକ ଆସି ଶିଖରଖୁଣ୍ଟା ଗ୍ରାମର କାର୍ତ୍ତିକ ବେହେରାଙ୍କୁ ଅପହରଣ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ମଧ୍ୟରୁ ରୁହିଆ, ସନିଆ ଓ ଶମ୍ଭୁନାଥ ମୁର୍ମୁଙ୍କୁ ଧରି ନିସ୍ତୁକ ମାଡ଼ମାରି ପୋଲିସ ଜିମା ଦେଇଥିଲେ। ଅନ୍ୟମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଲୋକଙ୍କ ମାଡ଼ରେ ଗୁରୁତର ୩ ଜଣଙ୍କୁ ପୋଲିସ ଚିକିତ୍ସାପାଇଁ ବାରିପଦା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେମାନଙ୍କ ମଧ୍ୟରୁ ଶମ୍ଭୁନାଥ ଶନିବାର ସୁସ୍ଥ ହୋଇ ଡାକ୍ତରଖାନାରୁ ଛାଡ଼ ପାଇବା ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ରୁହିଆ ଓ ସନିଆ ଡାକ୍ତରଖାନାରୁ ଛାଡ଼ ପାଇବା ପରେ ପୋଲିସ ସେମାନଙ୍କୁ ଗିରଫ ପରେ ଅପରାହ୍ନରେ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ କାର୍ତ୍ତିକ ବେହେରାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ ୧୨୨/୨୬) ରୁଜୁ ହୋଇଛି।

# ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ଉଦ୍‌ଯାପିତ

ବାରିପଦା,୧୬।୩ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଚାରୋଟି ଉପଖଣ୍ଡର ଅଧିବାସୀଙ୍କ ମଧ୍ୟରେ ସାଂସ୍କୃତିକ ଏବଂ ସାମାଜିକ ସମନ୍ୱୟ ରକ୍ଷା ଏବଂ ଭାଇଚାରାର ପରମ୍ପରାକୁ ମଜଭୁତ କରିବା ଉଦ୍ଦେଶ୍ୟରେ ବଳାଙ୍ଗୀ ମହୋତ୍ସବ କମିଟିର ଯୁବଶାଖା ବଳାଙ୍ଗୀ ସେନା ପକ୍ଷରୁ ବଳାଙ୍ଗୀ ସାଂସ୍କୃତିକ ଜାଗରଣ ଯାତ୍ରା ୯ ବର୍ଷ ହେଲା ଅନୁଷ୍ଠିତ ହୋଇ ଆସୁଛି। ଏହା ସହିତ ମହାରାଜା ଶ୍ରୀରାମ ଚନ୍ଦ୍ର ଜ୍ୟୋତିରଥର ଜିଲା ପରିକ୍ରମା କାର୍ଯ୍ୟକ୍ରମ ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୫ ତାରିଖ ରାତିରେ ବାରିପଦା ସହର ଶୋଭାଯାତ୍ରା ପରେ ଛଉ ପଡିଆ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ବଳାଙ୍ଗୀ ମୋହତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସମ୍ପାଦକ ଦୀପକ କୁମାର ନାୟକ, ଉପଦେଷ୍ଟା ନରେନ୍ଦ୍ର ମୋହନ ସେନାପତି, ବଳାଙ୍ଗୀ ସେନାର ଅଧ୍ୟକ୍ଷ କୁମାରେଶ ନାୟକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ, ସଦସ୍ୟ ଇନ୍ଦୁମତି ମହାନ୍ତି, ଗୋଲୋକ ମହାନ୍ତି, ହୃଷିକେଶ ଦାସ ପ୍ରମୁଖ ଯୋଗଦେଇ ମୟୂରଭଞ୍ଜ ମାଟିର ଅସ୍ମିତା ଏବଂ ଐତିହ୍ୟର ସୁରକ୍ଷା ପାଇଁ ବଳାଙ୍ଗୀ ସେନାର ସଂସ୍କୃତି ସୈନିକମାନଙ୍କର ତିନିଦିନ ବ୍ୟାପି ଅକ୍ଲାନ୍ତ ପରିଶ୍ରମକୁ ସାଧୁବାଦ ଜଣାଇଥିଲେ। ଜାଗରଣ ଯାତ୍ରା ଓ ଜ୍ୟୋତି ରଥକୁ ଜିଲାର କୋଣ ଅନୁକୋଣରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବାରୁ ସମସ୍ତ ଅନୁଷ୍ଠାନ ଏବଂ ଅଞ୍ଚଳବାସୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

# ଘୂର୍ଣ୍ଣିଝଡ଼ ସ୍ଥିତି ପରଖିଲେ ମନ୍ତ୍ରୀ, ବିଧାୟକ


କ୍ଷତିଗ୍ରସ୍ତ ଅଞ୍ଚଳରେ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ ଓ ବିଧାୟକ ପଦ୍ମଚରଣ ହାଇବ୍ରୁରୁ।

କରଞ୍ଜିଆ,୧୬।୩ (କବିତା ମହାନ୍ତ)

କରଞ୍ଜିଆ ବ୍ଲକ୍ ଅଞ୍ଚଳରେ ରବିବାର ଘୂର୍ଣ୍ଣିଝଡ଼ ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ସୋମବାର ବିଭିନ୍ନ ରାଜନୈତିକ ଦଳର ନେତା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିବା ସହିତ ସ୍ଥିତି ପରଖିଛନ୍ତି। ରାଜ୍ୟ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁରୁ କେନ୍ଦୁଝର ମେଡିକାଲ ଯାଇ ଗୁରୁତର ଓ ଆହତମାନଙ୍କୁ ଭେଟି ତାଙ୍କ ଚିକିତ୍ସା ବ୍ୟବସ୍ଥା ଓ ସ୍ଥିତି ସମ୍ପର୍କରେ ଡାକ୍ତରଙ୍କ ସହିତ ଆଲୋଚନା କରିଛନ୍ତି। ଅପରାହ୍ନ ୪ଟା ସମୟରେ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ଜିଲାପାଳ ହେମକାନ୍ତ ସାୟ, ଏସ୍‌ପି ବରୁଣ ଗୁଣ୍ଟୁପାଲି, ଆଇଟିଡିଏ ପିଏ ଚିତ୍ତ ରଞ୍ଜନ ମହାନ୍ତ, ଉପଜିଲାପାଳ କସ୍ତୁରୀ ପଣ୍ଡା, ବିଡିଓ ପ୍ରଦ୍ୟୁମ୍ନା ନାୟକ,ଏସଡିପିଓ ନବକ୍ରିଷ୍ଣ ନାୟକ ଓ ଅନ୍ୟ ଅଧିକାରୀଙ୍କ ସହିତ ଉଦ୍ଧାର ଓ ରିଲିଫ ବଣ୍ଟନର ସ୍ଥିତି ସମୀକ୍ଷା କରିଥିଲେ। ସକାଳେ ଜିଲାପାଳ,ଏସ୍‌ପି ତଥା ପ୍ରଶାସନିକ ବରିଷ୍ଠ ଅଧିକାରୀ ସ୍ଥାନୀୟ ସରପଞ୍ଚ ସ୍ମିତା ନାଏକଙ୍କ ସହିତ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ପ୍ରଶାସନ ବିପନ୍ନ ପରିବାରଗୁଡ଼ିକୁ ଶୁଖିଲା ଓ ରନ୍ଧା ଖାଦ୍ୟ ସହ ପାନୀୟ ଜଳ ଯୋଗାଇ ଦେଇଛି। ଲୋକଙ୍କ ଧାନ ଚାଉଳ ନଷ୍ଟ ହୋଇଥିବା କଂଗ୍ରେସ ନେତା ଲକ୍ଷ୍ମୀକାନ୍ତ ସିଂ ଜିଲାପାଳଙ୍କୁ ଅବଗତ କରାଇଛନ୍ତି।

# ଛଉ ନୃତ୍ୟ ପାଇଁ ପୂଜାର୍ଚ୍ଚନା

ବାରିପଦା,୧୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ମା' ଭୈରବୀଙ୍କ ସମ୍ମୁଖରେ ରବିବାର ସନ୍ଧ୍ୟାରେ ପାରମ୍ପରିକ ବୀର ବାଦ୍ୟ ବଜାଯାଇ ପୂଜାର୍ଚ୍ଚନା କରାଯାଇଛି। ଏହା ସହିତ ଛଉନୃତ୍ୟ ଶିଳ୍ପୀମାନେ ହାତରେ ଖଣ୍ଡା ଧରି ମା' ଭୈରବୀଙ୍କୁ ସଲାମୀ ଦେଇ ଚୈତ୍ର ପର୍ବ-୨୦୨୬ ପାଇଁ ନୃତ୍ୟ ଅଭ୍ୟାସ ଆରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପ-ସଭାପତି ବରିଷ୍ଠ ଆଇନଜୀବୀ ସୁଜାତା ମିଶ୍ର, ସନ୍ଦୀପ ବିଶୋଇ ଏବଂ ଅନୁଷ୍ଠାନର ସଭ୍ୟ ଅମ୍ବିକା ପ୍ରସାଦ ମହାନ୍ତି, ପ୍ରଣବ କୁମାର ଦେ, ସହ-ସମ୍ପାଦକ ତଥା ଅନୁଷ୍ଠାନର ଓସ୍ତାଦ ଲୋକନାଥ ଦାସ, ନବକିଶୋର ଦାସ, ଯତୀନ ଚନ୍ଦ୍ର ଗିରି, ରଞ୍ଜନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କଳାକାରମାନଙ୍କୁ ଭଲଭାବେ ନୃତ୍ୟ ପରିବେଷଣ କରି ଉତ୍ତର ସାହି ତରଫରୁ ଚୈତ୍ର ପର୍ବକୁ ସଫଳ କରାଇବାପାଇଁ ଅନୁପ୍ରାଣିତ କରିଥିଲେ।


ନୃତ୍ୟାଭ୍ୟାସ ଆରମ୍ଭ କରିଥିବା ଛଉନୃତ୍ୟ ଶିଳ୍ପୀମାନେ।

# ଆଦିବାସୀ ଏକତା ମଞ୍ଚର ବିକ୍ଷୋଭ

ରାଇରଙ୍ଗପୁର,୧୬।୩ (ମାନସ ମହାନ୍ତି)

ଜଣେ ଆଦିବାସୀ ନାବାଳିକାଙ୍କୁ ଅସଦାଚରଣ ପ୍ରତିବାଦରେ ଲୋକେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ବହଳଦା ଥାନା ଅଧୀନ ୨୨୦ ନଂ. ଜାତୀୟ ରାଜପଥ ଅବରୋଧ ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ସମୟରେ ପୋଲିସ ଉପରେ ଆକ୍ରମଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ମାମଲାରେ ଗିରଫ ଆଦିବାସୀମାନଙ୍କୁ ତୁରନ୍ତ ଖଲାସ କରିବା ଦାବି ନେଇ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ରାଇରଙ୍ଗପୁର ଶାଖା ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଦିବାସୀ ଏକତା ମଞ୍ଚର ନେତା ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ହାଁସଦା, ରାଇରଙ୍ଗପୁର ପୂର୍ବତନ ବିଧାୟକ ସାଇ ସୁଶିଲ କୁମାର ହାଁସଦା ଏବଂ ଜେଏମ୍‌ଏମ୍ ଯୁବନେତା ସୁନୀଲ ମାଝୀ ଏବଂ ରାଇରଙ୍ଗପୁର ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିରୀହ ଆଦିବାସୀମାନଙ୍କୁ ପୋଲିସ କୋର୍ଟ ଚାଲାଣ କରିବା ଘଟଣାକୁ ତୀବ୍ର ନିନ୍ଦା କରିଥିଲେ। ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭ ସମାବେଶରେ ଜିତେନ ହାଁସଦା, ଚକ୍ରଧର ହେମ୍ବ୍ରମ, ସାଲୁ କିସ୍କୁଙ୍କ ସମେତ ଶତାଧିକ ଆଦିବାସୀ ଏବଂ ମହିଳା ଯୁବ କର୍ମୀ ସାମିଲ ଥିଲେ।

# ଉତ୍କଳ ବନାନୀ ମହାବିଦ୍ୟାଳୟ ବାର୍ଷିକୋତ୍ସବ

ମୋରଡ଼ା,୧୬।୩(ସ୍ମାରକ ମାଜୀ)



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଚକଶୁଳିଆପଦାସ୍ଥିତ ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟ ବାର୍ଷିକୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ କୁମାର ସେନାପତି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଏକାଡେମିକ କନ୍‌ସଲଣ୍ଟାଣ୍ଟ ପ୍ରଫେସର ତୁଷାର କାନ୍ତି ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ବାଙ୍ଗିରିପୋଷି ଏଲ.କେ. କଲେଜ ପୂର୍ବତନ ଅଧ୍ୟକ୍ଷା ଡ.ପୁଷ୍ପା ପାତ୍ର ଯୋଗଦେଇ ଛାତ୍ରୀଛାତ୍ରୀମାନଙ୍କୁ ଶିକ୍ଷା ଓ ନୈତିକ ମୂଲ୍ୟବୋଧ ବିଷୟରେ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ୟୁ.ଏନ. କଲେଜ ନଳଗଜାର ପୂର୍ବତନ ଅଧ୍ୟକ୍ଷ ଡ.ସଞ୍ଜୀବ କୁମାର ନାୟକ, ଖବରଦାତା ସଞ୍ଜୟ କୁମାର ଚୌଧୁରୀ ଏବଂ ଶୁଳିଆପଦା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ଭଗବତ ମାରଣ୍ଡି ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଶିକ୍ଷା, କ୍ରୀଡା ଓ ସାମାଜିକ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟାପକ ଶରତ ଚନ୍ଦ୍ର ଧିର, ଜଗନ୍ନାଥ ମଣ୍ଡଳ, ହେମନ୍ତ କୁମାର ଧଳ, ଦୁଷ୍ମନ୍ତ ସିଂ, ହରମୋହନ ମହାନ୍ତ, ଦେବେନ୍ଦ୍ର ମାର୍ଣ୍ଡି, ଅଧ୍ୟାପିକା ନାରାୟଣୀ ନାଥ, ସ୍ମୃତିପ୍ରଭା ମହାନ୍ତ, ଜ୍ୟୋତିର୍ମୟୀ ପାତ୍ର, ଲାଇବ୍ରେରିଆନ ଚନ୍ଦ୍ରକାନ୍ତ ନାୟକ, ଅନନ୍ତ ହାଁସଦା ଏବଂ କର୍ମଚାରୀ ଓ ଛାତ୍ରୀଛାତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘୂର୍ଣ୍ଣିଝଡ଼ କ୍ଷତିଗ୍ରସ୍ତ ଗାଁରେ ବିଜେଡି ପ୍ରତିନିଧି ମଣ୍ଡଳୀ


ବିଜେଡି ନେତା ସୁଦାମ ମାର୍ଣ୍ଡି ବିପନ୍ନଙ୍କୁ ଭେଟୁଛନ୍ତି।

ବାରିପଦା,୧୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକ୍ ଅଞ୍ଚଳରେ ଘଟିଥିବା ଘୂର୍ଣ୍ଣିଝଡ଼ କ୍ଷତିଗ୍ରସ୍ତ ଗ୍ରାମରେ ବିଜୁ ଜନତା ଦଳର ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ସୁଦାମ ମାର୍ଣ୍ଡିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସୋମବାର ପ୍ରଭାବିତ ଗାଁ ପରିଦର୍ଶନ କରିଛନ୍ତି। ମୃତକଙ୍କ ପରିବାର ଲୋକଙ୍କୁ ୨୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହା ସହିତ ପ୍ରଭାବିତ ପରିବାରମାନଙ୍କ ପାଇଁ ଗୋଟିଏ ମାସ ପାଇଁ ମାଗଣା ରୋଷେଇ ବ୍ୟବସ୍ଥା, ଯଥେଷ୍ଟ ଚିକିତ୍ସା ସୁବିଧା, ପାଣି ଟ୍ୟାଙ୍କର୍ ମାଧ୍ୟମରେ ପିଇବା ପାଣି ଯୋଗାଣ, ଅସ୍ଥାୟୀ ଆଶ୍ରୟ ପାଇଁ ପର୍ଯ୍ୟାପ୍ତ ତାର୍ପୋଲିନ ଏବଂ ଗର୍ଭବତୀ ମହିଳା ଓ ଶିଶୁମାନଙ୍କ ପାଇଁ ବିଶେଷ ଯତ୍ନ ଓ ସହାୟତା ପ୍ରଦାନ କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଜିଲା କାର୍ଯ୍ୟକାରୀ ସଭାପତି ରାଇସେନ ମୁର୍ମୁ, ପୂର୍ବତନ ମନ୍ତ୍ରୀ ବସନ୍ତୀ ହେମ୍ବ୍ରମ, ଚକ୍ରଧର ହେମ୍ବ୍ରମ, ଅଭିଷେକ ପାତ୍ରନାୟକ, ତନୁଜା ମହାନ୍ତ, ପାଲୁ ଚୌଧୁରୀ, ଦିଲୀପ ସାହୁ, ସୁଲୋଚନା ହେମ୍ବ୍ରମ, ଅଭିଷେକ ସାହୁ ଏବଂ ନରେନ୍ଦ୍ର ହାଁସଦା ପ୍ରମୁଖ ସାମିଲ ଥିଲେ।

# ଅଷ୍ଟପ୍ରହର ନାମ ସଂକୀର୍ତ୍ତନ

ଝାରପୋଖରିଆ,୧୬।୩ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ୍ ରଜାଲୋକା ପଞ୍ଚାୟତ ବେଲବରିଆରେ ଅଷ୍ଟପ୍ରହର ହରିନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ବୈଷ୍ଣବ ମହାରାଜ ରାଜ ଦାସଙ୍କ ତତ୍ତ୍ୱାବଧାନରେ ହରି ମଣ୍ଡପରେ ସଂକଳ୍ପଧାରୀ ଶିରିଶ ଚନ୍ଦ୍ର ସେଠୀ ଓ ତାଙ୍କ ସହଧର୍ମିଣୀ ସୀତା ସେଠୀଙ୍କ ଦ୍ୱାରା ଅଧିବାସ ପର୍ବର ପଞ୍ଚଘଟ ସ୍ଥାପନା କରାଯାଇଥିଲା। ଏଥିରେ ଗ୍ରାମର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରି ରାଧା କୃଷ୍ଣଙ୍କ ଚଳନ୍ତି ପ୍ରତିମାକୁ ପୂଜା ଆରାଧନା କରିଥିଲେ। ଶଙ୍ଖ ହୁଳହୁଳି ଘଣ୍ଟ ବାଦ୍ୟରେ ଗ୍ରାମ ମୁଖରିତ ହୋଇଥିଲା। ଅଞ୍ଚଳର ବିଭିନ୍ନ ପ୍ରାନ୍ତରରୁ ବଛାବଛା ସଙ୍କୀର୍ତ୍ତନ ମଣ୍ଡଳୀକୁ ନେଇ ମହାମନ୍ତ୍ର ହରେ କୃଷ୍ଣ ହରେ ରାମ ଗାନ କରାଯାଇଥିଲା। ସୋମବାର ଗ୍ରାମବାସୀଙ୍କୁ ନେଇ ଦଧି ଉତ୍ସବ ପାଳନ କରାଯାଇଥିଲା। ବିକାଶ ବେହେରା, ବନ୍ଧନ ସେଠୀ, ଅଜୟ ସାହୁ, ନଚିକେତା ମାଲ, ଶିରିଶ ଚନ୍ଦ୍ର ସେଠୀଙ୍କ ସହ ଗ୍ରାମର ଯୁବଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ।

# ବାରିପଦାରେ କମର୍ସିଆଲ ଗ୍ୟାସ୍ ସଙ୍କଟ

## ବନ୍ଦ ହେବାକୁ ବସିଲାଣି ହୋଟେଲ ବ୍ୟବସାୟ

ବାରିପଦା,୧୬।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଅନ୍ତର୍ଜାତୀୟ ବଜାରରେ ଏଲପିଜି ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହାର ପ୍ରଭାବରେ ସାରା ରାଜ୍ୟରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟ ବ୍ୟବସାୟ ଗଭୀର ସଙ୍କଟରେ ପଡ଼ିଛି। ମୟୂରଭଞ୍ଜ ଜିଲା ବାରିପଦା ସହରରେ ଏବେ କମର୍ସିଆଲ ଗ୍ୟାସ ବା ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ମିଳିବା କଷ୍ଟକର ହୋଇପଡ଼ିଛି। ଫଳରେ ସହରର ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ଏବେ ଗୁରୁତର ସଙ୍କଟ ଦେଇ ଗତି କରିବାରେ ଲାଗିଛି । ଗ୍ୟାସ ସମସ୍ୟା ପାଇଁ ଅନେକ ବ୍ୟବସାୟୀ ହୋଟେଲ ବନ୍ଦ କରିବାକୁ ଚିନ୍ତା କରୁଥିବା ବେଳେ ଶତାଧିକ କର୍ମଚାରୀଙ୍କ ଜୀବନଜୀବିକା ବିପନ୍ନ ହେବାକୁ ବସିଛି।

ଘରୋଇ ଗ୍ୟାସ୍ ସିଲିଣ୍ଡର କୌଣସି ପ୍ରକାରେ ମିଳୁଥିଲେ ହେଁ ବ୍ୟବସାୟିକ କ୍ଷେତ୍ରରେ ବ୍ୟବହୃତ ହେଉଥିବା ବଡ଼ ସିଲିଣ୍ଡରର ଘୋର ଅଭାବ ପରିଲକ୍ଷିତ ହୋଇଛି । ଯାହା ଫଳରେ ସହରରେ ଥିବା ଛୋଟବଡ଼ ହୋଟେଲକୁ ମିଶାଇ ୫୦୦ରୁ ଊର୍ଦ୍ଧ୍ୱ ସଂସ୍ଥା ଏବେ ସଙ୍କଟରେ ପଡିଛନ୍ତି। ଚା' ଦୋକାନଠାରୁ ଆରମ୍ଭ କରି ହୋଟେଲ, ରେଷ୍ଟୁରାଣ୍ଟ ଓ ବଡ଼ ବଡ଼ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅଚଳାବସ୍ଥା ଆଶଙ୍କା କରାଯାଉଛି । ଗ୍ୟାସ ପାଇଁ ହନ୍ତସନ୍ତ ହେଉଥିବା ବେଳେ ଘରୋଇ ଗ୍ୟାସ ସିଲିଣ୍ଡର ବ୍ୟବହାର କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ବାରିପଦା ସହର ତକତପୁର ଅଞ୍ଚଳର ଏକ ପ୍ରତିଷ୍ଠିତ ହୋଟେଲର ମାଲିକ ରମେଶ ଚନ୍ଦ୍ର ସିଂହଙ୍କ କହିବାନୁଯାୟୀ, ଗ୍ୟାସ ନ ଥିବାରୁ ସେ ହୋଟେଲ ବନ୍ଦ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସେଠାରେ କାର୍ଯ୍ୟରତ ୩୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଏବେ ରୋଜଗାର ହରାଇବା ଚିନ୍ତା ଘାରିଛି । ତେବେ ଗ୍ୟାସ ସଙ୍କଟରୁ ରକ୍ଷା ପାଇବା ପାଇଁ କେତେଜଣ ହୋଟେଲ ମାଲିକ ପୁରୁଣା ପଦ୍ଧତି ଅର୍ଥାତ କାଠଚୂଲିକୁ ଆପଣାଇଛନ୍ତି। କିନ୍ତୁ ସହର ମଧ୍ୟରେ ଥିବା ଅନେକ ହୋଟେଲରେ କାଠ ଜାଳିବା ପାଇଁ ପର୍ଯ୍ୟାପ୍ତ ସ୍ଥାନ କିମ୍ବା ବ୍ୟବସ୍ଥା ନାହିଁ । ଯେଉଁମାନେ କାଠ ଚୁଲିରେ ରାନ୍ଧୁଛନ୍ତି ସେମାନଙ୍କୁ ମଧ୍ୟ ଅଧିକ ଖର୍ଚ୍ଚ ଓ ପରିବେଶ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି।

ଏ ସମ୍ପର୍କରେ ଗ୍ୟାସ ବିତରଣକାରୀ ସଂସ୍ଥା ସାନିକା ଗ୍ୟାସ ଏଜେନ୍ସିର ମ୍ୟାନେଜର ଦିଲ୍ଲୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ବର୍ତ୍ତମାନ ସୁଦ୍ଧା କମର୍ସିଆଲ ଗ୍ୟାସ ପ୍ରଦାନ ପାଇଁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଆସିନାହିଁ। କେବଳ ସ୍କୁଲ ଓ ହଷ୍ଟେଲଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ଗ୍ୟାସ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି। ଅନ୍ୟପଟେ ହୋଟେଲ ବ୍ୟବସାୟୀମାନେ ତୁରନ୍ତ ସରକାରୀସ୍ତରରେ ହସ୍ତକ୍ଷେପ କରି ବ୍ୟବସାୟିକ ଗ୍ୟାସ ଯୋଗାଣ ସ୍ୱାଭାବିକ କରିବାକୁ ଦାବି କରିଛନ୍ତି। ଗ୍ୟାସ ସିଲିଣ୍ଡର ଯୋଗାଣ ଶୀଘ୍ର କରା ନ ଗଲେ ଅନେକ ହୋଟେଲ ବନ୍ଦ ହେବାର ଆଶଙ୍କା ରହିଛି । ଯାହା ଫଳରେ ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତି ଉପରେ ଏହାର ଗଭୀର ପ୍ରଭାବ ପଡ଼ିବ। ସରକାର ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲାବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ସିଲିଣ୍ଡର ଯୋଗାଣ ସ୍ୱାଭାବିକ ହେବ। ଏଥି ପାଇଁ ବିବ୍ରତ ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

## ସଂକ୍ଷେପରେ

### ରାମନବମୀ ଉପଲକ୍ଷେ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରା



ସୋର, ୧୬ା୩(ଜନ୍ମେଜୟ ମିଶ୍ର): ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଶ୍ରୀରାମନବମୀ ମହୋତ୍ସବ ଉପଲକ୍ଷେ ସୋର ଶ୍ରୀରାମ ସେନା ତରଫରୁ ହୋଟେଲ ରୟାଲ ସଭା ଗୃହରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ପ୍ରହ୍ଲାଦ ସାହୁ, ସମ୍ପାଦକ ମନୀଷ ଗୁପ୍ତା ଏବଂ ଉପସଭାପତି ମନୋରଞ୍ଜନ ଧଡା ଶ୍ରୀରାମନବମୀ ଉପଲକ୍ଷେ ସମ୍ୟକ ସୂଚନା ଦେଇଥିଲେ। ଏଥର ନୂତନ ଭାବେ ବାଲ ବଜରଙ୍ଗୀ ସାଇକେଲ ଶୋଭାଯାତ୍ରାକୁ ସ୍ଥାନିତ କରାଯାଇଛି। ଶ୍ରୀରାମ ସେନା ତରଫରୁ ରାଷ୍ଟ୍ରୀୟ ନବବର୍ଷ ଅର୍ଥାତ୍ ଚୈତ୍ର ଶୁକ୍ଳ ପ୍ରତିପଦାଠାରୁ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ବିଭିନ୍ନ ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ଗୁଗୁ ଦାସ, ଅଭିଷେକ ଅଗ୍ରୱାଲ, ନରେଶ ସି, ଦୀନବନ୍ଧୁ ଦାସ, କାହ୍ନୁ କର, ଲକ୍ଷ୍ମୀଧର ମହାକୁ, ଦିଗନ୍ତ ସାହୁ, ଆତ୍ମପ୍ରକାଶ ମସ୍କରା, କାହ୍ନୁଚରଣ ବେହେରା ପ୍ରମୁଖଙ୍କ ସମେତ ସୋର ଶ୍ରୀରାମ ସେନା ସୋରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ପୋଡ଼ିଗଲା ପୂର୍ବତନ ସରପଞ୍ଚଙ୍କ ଗୋଦାମ ଘର

ବସ୍ତା(ହରିଶଙ୍କର ପାତ୍ରୀ)/ଗାନ୍ଧୀଛକ, (ଦିଲୀପ ପଣ୍ଡା), ୧୬ା୩: ବାଲେଶ୍ୱର ଜିଲା ବସ୍ତା ଥାନା ବାରମାଡିଆ ଗାଁର ପୂର୍ବତନ ସରପଞ୍ଚ ତଥା ବସ୍ତା କଂଗ୍ରେସର ସଭାପତି ସତ୍ୟନାରାୟଣ ଗୁପ୍ତାଙ୍କ ଗୋଦାମ ଘରେ ରବିବାର ନିଆଁ ଲାଗି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଗୋଦାମ ଘରେ ଶାଳପତ୍ର, ସାର, ପୋକ ମରା ଔଷଧ ଆଦି ବିଭିନ୍ନ ପ୍ରକାର ସାମଗ୍ରୀ ରହିଥିଲା। ବିଦ୍ୟୁତ ସଟ୍ ସର୍କିଟ ହୋଇ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ବସ୍ତା, ରାସଗୋବିନ୍ଦପୁରରୁ ଦମକଳ ଗାଡି ଆସି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଖବର ଲେଖା ପର୍ଯ୍ୟନ୍ତ ନିଆଁ ଲିଭି ନ ଥିଲା। ପ୍ରକୃତ କ୍ଷୟକ୍ଷତିର ଆକଳନ କରାଯାଇପାରିନି। ବସ୍ତା ବଜାରବାସୀ, ଆଖପାଖ ଲୋକ ଘଟଣାସ୍ଥଳରେ ରହି ନିଆଁ ଲିଭା କାର୍ଯ୍ୟରେ ଅଗ୍ନିଶମ ଦଳକୁ ସାହାଯ୍ୟ କରିଥିଲେ।

### ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଏସ୍ୟୁସିଆଇ

ଭୋଗରାଇ, ୧୬ା୩(ପ୍ରଦୀପ ଦାସ): କଟକ ଏସସିବି ମେଡିକାଲ କଲେଜର ଟ୍ରମା କେୟାର ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ଘଟଣାରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ଏ କ୍ଷେତ୍ରରେ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ସାଙ୍ଗକୁ କ୍ରମାଗତ ସରକାରୀ ଅବହେଳା, ପ୍ରାୟ ୬୦ଭାଗ ପଦବୀ ଖାଲିପଡିବା ଏବଂ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଠିକା ଓ ଆଉଟସୋର୍ସିଂ ନିଯୁକ୍ତି ପାଇଁ ସରକାର ହିଁ ମୁଖ୍ୟତଃ ଦାୟୀ ବୋଲି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ବାଲେଶ୍ୱର ଜିଲା ସମ୍ପାଦକ ନିରାକାର ପାଣ୍ଡ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ରାଜ୍ୟର ସବୁଠାରୁ ବଡ ସରକାରୀ ଡାକ୍ତରଖାନା ଏସସିବି ମେଡିକାଲ କଲେଜରେ ବିଦ୍ୟୁତ ସଟ୍‌ସର୍କିଟରୁ ଅଗ୍ନିକାଣ୍ଡ ପୂର୍ବରୁ ବହୁବାର ଘଟିଥିବା ବେଳେ ଏହାକୁ ରୋକିବାର କୌଣସି ସ୍ଥାୟୀ ପ୍ରତିକାର ନ ହେବା ଫଳରେ ଏହିଭଳି ଭୟଙ୍କର ଅଗ୍ନିକାଣ୍ଡ ଘଟି ଜୀବନହାନି ଘଟିଲା, ଯାହା ଅତ୍ୟନ୍ତ ହୃଦୟବିଦାରକ ବୋଲି ଏସ୍‌ୟୁସିଆଇ ଅଭିଯୋଗ କରିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଦୋଷୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା, ମୃତକଙ୍କ ପ୍ରତ୍ୟେକ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବା, ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ସହ ୫୦ଲକ୍ଷ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଛି।

# ମଣ୍ଡିରେ ଧାନ ଦେବାରେ ବାଧକ ସାଜିଛି ଉତ୍ତରାଧିକାରୀ ପ୍ରମାଣପତ୍ର

ବାଲିଆପାଳ, ୧୬ା୩(ରାଜଶ୍ରୀ ପାଣିଗ୍ରାହୀ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ୨୮ପଞ୍ଚାୟତରେ ଥିବା ୧୬ଟି ସେବା ସମବାୟ ସମିତି ମଧ୍ୟରୁ ପ୍ରତାପପୁର ସମବାୟ ସମିତି ଅଧୀନରେ ୫ପଞ୍ଚାୟତ ପ୍ରତାପପୁର, ଅଁଳାଡିହା, ବେତଗଡିଆ, ଜଗତିପୁର, ବଡାଶର ପ୍ରାୟ ୨୧୦୦ରୁ ଉର୍ଦ୍ଧ୍ୱ ଚାଷୀ ରହିଛନ୍ତି। ଚଳିତବର୍ଷ ଖରିଫ ଧାନ ପାଇଁ ୧୭୬୦ ଚାଷୀ ପଞ୍ଜୀକୃତ କରିଛନ୍ତି। ଅନ୍ୟ ଚାଷୀଙ୍କୁ ଟୋକନ ମିଳି ନ ଥିବାରୁ ସେମାନେ ବାଦ୍ ପଡିଛନ୍ତି। ବିଶେଷ କରି ମଣ୍ଡିରେ ଧାନ ଦେବାରେ ବାଧକ ସାଜିଛି ଉତ୍ତରାଧିକାରୀ ପ୍ରମାଣପତ୍ର।

୨୦୨୫ରେ ସରକାରଙ୍କ ନିୟମ ଅନୁସାରେ ନିଜ ନାମରେ ଥିବା ଜମିପଟ୍ଟା ମାଧ୍ୟମରେ ମଣ୍ଡିରେ ପଞ୍ଜୀକୃତ କରିପାରିବା ହେଉ କି ସହମତିପତ୍ର ମାଧ୍ୟମରେ ଧାନ ଖାତା କରିହେବ। ମାତ୍ର ବହୁ ହିତାଧିକାରୀ



ସମିତି କର୍ମଚାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

ତହସିଲ କାର୍ଯ୍ୟାଳୟରୁ ନିରାଶ ହେବା, ପାରିବାରିକ ସମସ୍ୟା, ପରିବାରର ଅନ୍ୟ ସଦସ୍ୟମାନେ ବାହାରେ ରହୁଥିବାରୁ ଉତ୍ତରାଧିକାରୀ ପ୍ରମାଣପତ୍ର ଏଯାବତ ପାଇପାରିନାହାନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ବାପାଙ୍କ ନାମରେ ଥିବା ସମ୍ପତ୍ତିରୁ ସମସ୍ତ ଅଂଶୀଦାରଙ୍କ ନାମରେ ନାମିତ କରାଯାଉଛି ତାହା ବାଲିଆପାଳ ବ୍ଲକରେ ୨୦/୩୦ ପ୍ରତିଶତ ଲୋକଙ୍କ ହୋଇଛି ଏବଂ ଅନ୍ୟମାନଙ୍କ ପ୍ରକ୍ରିୟା ଜାରି ରହିଛି ବୋଲି ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ କହିଛନ୍ତି। ମଣ୍ଡିରେ ଧାନଦେବାରୁ ବଞ୍ଚିତ ହୋଇଥିବା ଚାଷୀମାନେ ବାଧ୍ୟ ହୋଇ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି। ସୋମବାର କେତେଜଣ ଚାଷୀ ଏକାଠି ହୋଇ ପ୍ରତାପପୁର ସମବାୟ ସମିତି ପରିସରରେ ପହଞ୍ଚିଥିଲେ। ଏହାର ତଦନ୍ତ କରି ଟୋକନ ପାଇ ନ ଥିବା ଚାଷୀ ମଣ୍ଡିରେ ଧାନ ଦେବାର ବନ୍ଦୋବସ୍ତ କରାଇବା ପାଇଁ ସରକାରଙ୍କୁ ଦେବେନ୍ଦ୍ର ରାଉତ, ବିଜୟ କୁମାର ସାହୁ, ଶାନ୍ତନୁ ମହାପାତ୍ର, ସାନୁଜ ପାତ୍ର, ଅଜୟ କୁମାର ମହାପାତ୍ର, ରାଜେନ୍ଦ୍ର ବାରିକ, ଅଜିତ କୁମାର ପାତ୍ର ଓ ପରମେଶ୍ୱର ସାମନ୍ତରାୟ ପ୍ରମୁଖ ଦାବି କରିଛନ୍ତି। ଏନେଇ ବାଲିଆପାଳ ଖାଦ୍ୟ ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ରଣା କହିଛନ୍ତି, ଚାଷୀମାନେ ସୁବିଧାରେ ମଣ୍ଡିରେ ପଞ୍ଜୀକୃତ କରିପାରିବେ, ତାହା ସମସ୍ତ ସମବାୟ ସମିତିର ସେକ୍ରେଟାରୀମାନଙ୍କୁ ଟ୍ରେନିଂ ପ୍ରଦାନ କରାଯାଇଛି। ମଣ୍ଡିରେ ଧାନ ଦେବାର ବ୍ୟବସ୍ଥା ଅଳ୍ପଦିନ ରହିଥିବାରୁ ସରକାର ତୁରନ୍ତ ପଦକ୍ଷେପ ନ ନେଲେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।

# ୨୮ରେ ଜଳେଶ୍ୱର ଓକିଲ ସଂଘ ନିର୍ବାଚନ

ଜଳେଶ୍ୱର, ୧୬ା୩(ନବୀନ ସାହୁ): ଆସନ୍ତା ୨୮ ତାରିଖରେ ଜଳେଶ୍ୱର ଓକିଲ ସଂଘର ନିର୍ବାଚନ ହେବ। ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବା ପରେ ଶନିବାର ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ୧୫ ପଦବୀ ପାଇଁ ନିର୍ବାଚନ ହେଉଥିବା ବେଳେ ସେଥିମଧ୍ୟରୁ ୧୨ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଫଳରେ ମୁଖ୍ୟତଃ ୩ଟି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ସେହି ଅନୁସାରେ ସଭାପତି ପଦବୀ ପାଇଁ ଦେବକାନ୍ତ କାସ୍ତ, କୁଞ୍ଜ ବିହାରୀ ଦାସ ଓ ପୂର୍ଣ୍ଣେନ୍ଦୁ ଆଚାର୍ଯ୍ୟ ନିର୍ବାଚନ ମଇଦାନକୁ ଅବତୀର୍ଣ୍ଣ ହୋଇଛନ୍ତି। ସମ୍ପାଦକ ପଦବୀ ପାଇଁ ବିଜନ କୁମାର ଦେ, ରାଜେଶ କୁମାର ପାତ୍ର, କୋଷାଧ୍ୟକ୍ଷ ପଦବୀ ପାଇଁ ବିନୋଦ କୁମାର ଗିରି ଓ ଫାଲଗୁନୀ ପାଣିଗ୍ରାହୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ପ୍ରାର୍ଥୀମାନେ ହେଲେ ଉପସଭାପତି ପଦବୀ ପାଇଁ ସବିତାରାଣୀ ସାହୁ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ମଳୟ କୁମାର ମହାନ୍ତି, ସହ ସମ୍ପାଦକ ପଦବୀ ପାଇଁ ସ୍ୱାଧାଦେବୀ ଭଞ୍ଜ, ପାଠାଗାର ସମ୍ପାଦକ ପଦବୀ ପାଇଁ ଅଜିତ୍ କୁମାର ସୁର, ସହ ପାଠାଗାର ସମ୍ପାଦକ ପଦବୀ ପାଇଁ ବିଶ୍ୱଜିତ ଧଳ ଓ ୬ଟି କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ଯଥାକ୍ରମେ ଦେବାଶିଷ ସେନାପତି, ମାଧବ ଚନ୍ଦ୍ର ପ୍ରଧାନ, ନଗେନ ମଣ୍ଡଳ, ରାମକୃଷ୍ଣ ନନ୍ଦୀ, ରୀତା ଭୋଇ ଓ ସିଦ୍ଧାର୍ଥ ଦାସ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଆଉ ଗୋଟିଏ କାର୍ଯ୍ୟନିର୍ବାହୀ ସଦସ୍ୟ ପଦବୀ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇନାହିଁ। ନିର୍ବାଚନରେ ମୋଟ ୧୪୧ ଜଣ ଆଇନଜୀବୀ ମତଦାତା ୨୮ ତାରିଖରେ ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ବୋଲି ଓକିଲ ସଂଘର ମୁଖ୍ୟ ନିର୍ବାଚନ ପରିଚାଳକ ଇଶାକ ବେଗ ସୂଚନା ଦେଇଛନ୍ତି।

# ହିତାଧିକାରୀଙ୍କୁ ପୁଣି ମିଳିବ ଭତ୍ତା



ହିତାଧିକାରୀମାନେ ଭତ୍ତା ପାଇଁ ଆବଶ୍ୟକ କାଗଜପତ୍ର ଯାଞ୍ଚ କରାଉଛନ୍ତି।

ଜଳେଶ୍ୱର, ୧୬ା୩(ନବୀନ ସାହୁ): ଜଳେଶ୍ୱର ବ୍ଲକ ନାମ୍ପୋ ପଞ୍ଚାୟତରେ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ସାମାଜିକ ସୁରକ୍ଷା ଭତ୍ତା ପୁଣି ଥରେ ପ୍ରଦାନ କରାଯିବା ନେଇ ବ୍ଲକ ପ୍ରଶାସନ ପକ୍ଷରୁ ସବୁଜସଙ୍କେତ ମିଳିଛି। ଆସନ୍ତା ମେ'ରୁ ଯୋଗ୍ୟ ହିତାଧିକାରୀମାନେ ନିୟମିତ ଭାବେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ସୂଚନା ମିଳିଛି।

୨୦୨୪ ଫେବୃଆରୀରେ ନାମ୍ପୋ ପଞ୍ଚାୟତର ପ୍ରାୟ ୨୦ଜଣ ହିତାଧିକାରୀ ଜାଲ ପ୍ରମାଣପତ୍ର ଏବଂ ବୟସ କମ୍ ଥାଇ ମଧ୍ୟ ଚଞ୍ଚକତା କରି ଭତ୍ତା ହାସଲ କରୁଥିବା ନେଇ ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ

### ପ୍ରଶାସନ ପକ୍ଷରୁ କାଗଜପତ୍ର ଯାଞ୍ଚ ଶେଷ

ବାଲେଶ୍ୱର ଜିଲାପାଳ ଓ ଜଳେଶ୍ୱର ବିଡିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ତଦନ୍ତ ପରେ ୨୦୨୫ ମେ'ରୁ ପ୍ରଶାସନ ପକ୍ଷରୁ ଏହି ଭତ୍ତା ପ୍ରଦାନକୁ ବନ୍ଦ ରଖାଯାଇଥିଲା। ଭତ୍ତା ବନ୍ଦ ହେବା ପରେ ହିତାଧିକାରୀମାନେ ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ସମ୍ପୃକ୍ତ ହିତାଧିକାରୀଙ୍କୁ ସେମାନଙ୍କର ବୈଧ ପ୍ରମାଣପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ, ସୋମବାର ସକାଳ ୧୦ଟା ବେଳେ ୧୪ଜଣ ହିତାଧିକାରୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ନିଜର ଆବଶ୍ୟକ କାଗଜପତ୍ର ଦାଖଲ କରିଛନ୍ତି। ବ୍ଲକ ଆକାଉଣ୍ଟାଣ୍ଟ ଜୀବନ କୁମାର ପରିଡ଼ା ଏବଂ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ବିକ୍ରମ ଜେନା ସମସ୍ତ ପ୍ରମାଣପତ୍ରର ଗଭୀର ଯାଞ୍ଚ କରିଥିଲେ। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ, ସମସ୍ତ କାଗଜପତ୍ର ଠିକ୍ ଥିବା ହିତାଧିକାରୀମାନେ ଆସନ୍ତା ମେ'ରୁ ପୁଣି ଥରେ ନିୟମିତ ଭାବେ ଭତ୍ତା ପାଇପାରିବେ। ପ୍ରଶାସନର ଏହି ନିଷ୍ପତ୍ତି ପରେ ଅପେକ୍ଷାରେ ଥିବା ହିତାଧିକାରୀଙ୍କ ମଧ୍ୟରେ ଆଶ୍ୱସ୍ତି ଦେଖାଦେଇଛି।

### ମହାବାରୁଣୀ ସ୍ନାନ ପାଇଁ ବେଳାଭୂମି ଚଳଚଞ୍ଚଳ

ବାଲିଆପାଳ, ୧୬ା୩(ରାଜଶ୍ରୀ ପାଣିଗ୍ରାହୀ): ମଙ୍ଗଳବାର ବାରୁଣୀ ସ୍ନାନ ପାଇଁ ବାଲିଆପାଳ ବ୍ଲକରେ ଥିବା ଡଗରା, ଚଉମୁଖ ଏବଂ ଯମୁନାଶୂଳ ବେଳାଭୂମି ଚଳଚଞ୍ଚଳ ହୋଇଉଠିଛି। ଚଳିତବର୍ଷ ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ମହାବାରୁଣୀ ସ୍ନାନ ପଡୁଥିବାରୁ ଶ୍ରଦ୍ଧାଳୁମାନେ ହଜାର ହଜାର ସଂଖ୍ୟାରେ ମହୋଦଧିରେ ସ୍ନାନ କରିବେ ବୋଲି ଜଣାପଡିଛି। ଡଗରା ଏବଂ ଯମୁନାଶୂଳ ବେଳାଭୂମି ଗୋଟିଏ ଦିନ ମେଳା ବସୁଥିବା ବେଳେ ଚଉମୁଖରେ ତିନି ଦିନ ଧରି ମେଳା ଅନୁଷ୍ଠିତ ହୋଇଥାଏ। ଓଡ଼ିଶା ଏବଂ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ଆସିଥାନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ, ଏସ୍ଆଇ ପ୍ରେମପ୍ରତାପ ବାହିନୀ, ଜାମକୁଣ୍ଡା ଫାଣ୍ଡି ଅଧିକାରୀ କେଶବ ବେସରା ପ୍ରମୁଖ ବେଳାଭୂମି ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି।

### ଚୈତ୍ରମାସ ପ୍ରଥମ ସୋମବାର ବାଲିଆପାଳ ଆଖଣ୍ଡଳମଣିପୀଠରେ ଭକ୍ତଙ୍କ ଗହଳି

ବାଲିଆପାଳ, ୧୬ା୩(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ଥାନା ପରିସରରେ ଥିବା ଆଖଣ୍ଡଳମଣି ଶୈବପୀଠରେ ଚୈତ୍ର ମାସର ପ୍ରଥମ ସୋମବାର ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ବାଲିଆପାଳ ପଞ୍ଚାୟତର ପୁରାତନ ଶିବ ମନ୍ଦିର ଆଖଣ୍ଡଳମଣି ଶୈବପୀଠରେ ବାବାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିଲେ। ପୂଜକ ମାନସିକ ବ୍ରତଧାରୀଙ୍କୁ ସଙ୍କଳ୍ପିତ ପୂଜାର୍ଚ୍ଚନା କରାଇ ବ୍ରତର ନିୟମ ନିଷ୍ଠା ବିଷୟରେ ବୁଝାଇଥିଲେ। ବାଲିଆପାଳ ବ୍ଲକର ଖଗଡାପାଳ ଗ୍ରାମର ଖଗଡେଶ୍ୱର, ନିଖିରା ଗ୍ରାମର ନିଖିରେଶ୍ୱର, କଦୁଆପଡ଼ା ଗ୍ରାମରେ କାଞ୍ଚନେଶ୍ୱର, ଚୌଧୁରୀକୁଦ ଗ୍ରାମରେ ସିଦ୍ଧେଶ୍ୱର, ଜଗାଇ ଗ୍ରାମର ନାଭଡେଶ୍ୱର, ଲଙ୍ଗଳେଶ୍ୱର ଗ୍ରାମର ହର ପାର୍ବତୀ ଶୈବପୀଠରେ ପୂଜାର୍ଚ୍ଚନା ପାଇଁ ଗହଳି ହୋଇଥିଲା।

# ଜନଶୁଣାଣିରେ ୧୧୨ ଅଭିଯୋଗ



ଏସ୍‌ପି ଅଭିଯୋଗ ଶୁଣୁଛନ୍ତି।

ସୋର, ୧୬ା୩(ଜନ୍ମେଜୟ ମିଶ୍ର): ସୋର ବ୍ଲକ ପରିସରରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ପ୍ରତ୍ୟୁଷ ଦିବାକର, ଉପଜିଲାପାଳ ଶିବ ମାଳବ୍ୟ, ଅତିରିକ୍ତ ଜିଲାପାଳ ହେମନ୍ତ ସିଂ ପ୍ରମୁଖ ଉପସ୍ଥିତ ରହି ଶିବିରରେ ଅଭିଯୋଗ ଗ୍ରହଣ କରିଥିଲେ। ରାସ୍ତା, ସ୍କୁଲ, ଭତ୍ତା, ଜଳଯୋଗାଣ, ସ୍ୱାସ୍ଥ୍ୟ ଓ ସରକାରୀ ଜମି ଜବରଦଖଲ ଆଦି ୧୧୨ଟି ଅଭିଯୋଗ ଆସିଥିଲେ। ଏହି କାର୍ଯ୍ୟକ୍ରମକୁ ସୋର ବି. ସତ୍ୟନାଥ ନାୟକ ପରିଚାଳନା କରିଥିବା ବେଳେ ଅନ୍ୟ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ। ଏହି ସମୟରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ରେମୁଣା, ୧୬ା୩ (ରବୀନ୍ଦ୍ର ମହାକୁଡ଼): ରେମୁଣା ବ୍ଲକ ମହାରାଜପୁର ପଞ୍ଚାୟତ ଅଧୀନ ମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ପ୍ରଦୀପ ରଥ, ସମ୍ମାନିତ ଅତିଥି ପୁରାତନ ଛାତ୍ର ସଙ୍ଗଠନ ସଭାପତି ରବୀନ୍ଦ୍ର ମହାପାତ୍ର, ପ୍ରାଣବନ୍ଧୁ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟି ଚେୟାରମ୍ୟାନ ରାମଚନ୍ଦ୍ର ବେହେରା ଯୋଗଦେଇ ଏହି ଉତ୍ସବ ଅତୀତର ସ୍ମୃତି ବାଣ୍ଟିବାରେ ସହାୟକ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ। ସଭାରେ ସୁଜାତା ପଣ୍ଡା, କନକଲତା ଦାସ, ତୃପ୍ତିଲତା ପ୍ରଧାନ, ବିଜୟଲକ୍ଷ୍ମୀ ଆଚାର୍ଯ୍ୟ ବିଦ୍ୟାଳୟର ଅତୀତ ସ୍ମୃତି ସମ୍ପର୍କରେ ବଖାଣିଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ମ୍ୟୁଜିକ ଚେୟାର ଖେଳ ହୋଇଥିଲା। ଏହି ଖେଳରେ ପ୍ରଥମ ବସନ୍ତ ଶିଅଳ, ଦ୍ୱିତୀୟ ସୁଜାତା ପଣ୍ଡା, ତୃତୀୟ କନକଲତା ଦାସଙ୍କୁ ପୁରସ୍କୃତ କରାଯାଇଥିଲା। ୧୯୯୮ ବ୍ୟାଚ ଛାତ୍ର ସଙ୍ଗଠନର ସଭାପତି ଭାବେ ତାପସ କୁମାର ପ୍ରଧାନ, ସମ୍ପାଦକ ପ୍ରଭାସିନୀ ବିଶୋଇ, ଉପସଭାପତି ମନୋରଞ୍ଜନ ମଲ୍ଲିକ, ସହ ସମ୍ପାଦିକା ଜ୍ୟୋତ୍ସ୍ନାରାଣୀ ପରିଡା ଓ ଜୟନ୍ତ କୁମାର ସୌରୀଙ୍କ ସମେତ ଉପେନ୍ଦ୍ର ଓଝା, ଚନ୍ଦନ ନାଏକ ସହଯୋଗ କରିଥିଲେ।

# ଚୈତ୍ର ପ୍ରଥମ ସୋମବାର, ଭକ୍ତମୟ ଶୈବପୀଠ

ଭୋଗରାଇ, ୧୬ା୩(ପ୍ରଦୀପ ଦାସ): ଚୈତ୍ରମାସ ଶିବଙ୍କ ବିବାହ ମାସ ବୋଲି ପୌରାଣିକ ବିଧାନ ରହିଛି। ଏହି ମାସରେ ଶିବଙ୍କୁ ଆରାଧନା କଲେ ସକଳ ସିଦ୍ଧିଲାଭ ହୁଏ ବୋଲି ବିଶ୍ୱାସ ରହିଛି। ବିଭିନ୍ନ ଶୈବପୀଠରେ ଚୈତ୍ର ପ୍ରଥମ ସୋମବାର ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଲାଗିଥିଲା। ଚନ୍ଦନେଶ୍ୱର ମହାଦେବ ଓ ଏସିଆର ସର୍ବବୃହତ ଶିବଲିଙ୍ଗ ସହିତ ଭୋଗରାଇର ଶତାଧିକ ଶୈବପୀଠରେ ସୋମବାର ଭୋର ୪ଟାରୁ ମନ୍ଦିରର ଗର୍ଭଗୃହ କବାଟ ଖୋଲାଯାଇଥିଲା। ଚନ୍ଦନେଶ୍ୱର



ପୁଷ୍ପରେ ସଜ୍ଜିତ ଭୂଷଣ୍ଡେଶ୍ୱର ମହାଦେବ।

ଓ ଭୂଷଣ୍ଡେଶ୍ୱର ମହାଦେବଙ୍କଠାରେ ଓଡ଼ିଶାର ବିଭିନ୍ନ ସ୍ଥାନ ସହିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟରୁ ଅସଂଖ୍ୟ ଶୈବଭକ୍ତଙ୍କ ସୁଅ ଛୁଟିଥିଲା। ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ଜୀଉଙ୍କ ଗର୍ଭଗର୍ଭରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିଥିଲେ। ସୁବର୍ଣ୍ଣରେଖା ନଦୀକୂଳରେ ଭୂଷଣ୍ଡେଶ୍ୱର ମହାଦେବ, ଚୌକି ଗ୍ରାମରେ ନୀଳକଣ୍ଠେଶର, ଦେଉଳାହାଟରେ ଅନନ୍ତପୁରୁଷୋତ୍ତମ, ଭୋଗରାଇ, କମର୍ଦ୍ଧାରେ ବାରଦେଉଳିଠାରେ ଶ୍ରଦ୍ଧାଳୁମାନେ ବ୍ରତ ପାଳନ କରିଥିଲେ।

# ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ସ୍ମୃତିସଭା

### ଜଣେ ଦରଦୀ, ସତ୍‌ଚରିତ୍ରର ମଣିଷ ଥିଲେ କରୁଣାକର

ଖଇରା, ୧୬ା୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଡାହି ଗ୍ରାମର ଅରାଧ ଦେବ ରାଧାକୃଷ୍ଣ ଜୀଉଙ୍କ ସେବକ, ସରଳ ନିଷ୍କପଟ ମଣିଷ ସ୍ୱର୍ଗତ କରୁଣାକର ପାଢୀଙ୍କ ବିୟୋଗରେ ଏକ ସ୍ମୃତିସଭା ମଙ୍ଗଳବାର ଡାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବ୍ରାହ୍ମଣ ସମିତି ଖଇରା ଶାଖା ଆନୁକୂଲ୍ୟରେ ଆୟୋଜିତ ସଭାରେ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି, ସଭ୍ୟ ଦୀନବନ୍ଧୁ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ପଦ୍ମନାଭ ପଣ୍ଡା, ବାସୁଦେବ ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ବାସୁଦେବ ସାହୁ, ଶ୍ୟାମସୁନ୍ଦର ପଣ୍ଡା, ବିଷ୍ଣୁମୋହନ ବହଳି, ପରିବାର ସଦସ୍ୟ ଓ ସମ୍ପର୍କୀୟ ଗୟାଧର ତ୍ରିପାଠୀ, ବସନ୍ତ କୁମାର ପାଢୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଢୀ ଜଣେ ଦରଦୀ, ସତଚରିତ୍ର ଓ ଧର୍ମ ପରାୟଣା ମଣିଷ ଥିଲେ ବୋଲି କହିଥିଲେ। କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଗୀତାପାଠ, ତପନ କୁମାର ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ମୃତିସଭାରେ ବ୍ରାହ୍ମଣ ସମିତିର କର୍ମକର୍ତ୍ତା ଓ ସମ୍ପର୍କୀୟ।

# ଗ୍ରୀନଲିଫ୍ ଫାଇଟର ଟାଇଟଲ ବିଜୟୀ

### ବାଲେଶ୍ୱର ପ୍ରିମିୟର ଲିଗ ଉଦ୍‌ଯାପିତ

ବାଲେଶ୍ୱର, ୧୬ା୩(ବାଞ୍ଛାନିଧି ଦେ): ବାଲେଶ୍ୱର ପରମିଟ ପଡ଼ିଆରେ ଆୟୋଜିତ ୧୩ତମ ବାଲେଶ୍ୱର ପ୍ରିମିୟର ଲିଗର ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଗ୍ରୀନଲିଫ ଫାଇଟର ଓ ହାଇଲାଣ୍ଡ ହରିକେନ୍ସ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ହାଇଲାଣ୍ଡ ହରିକେନ୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ନିର୍ଦ୍ଧାରିତ ୨୦ ଓଭରରେ ହାଇଲାଣ୍ଡ ହରିକେନ୍ସ ସମସ୍ତ ଉଇକେଟ ହରାଇ ୧୩୪ ରନ କରିଥିଲେ। ବ୍ୟାଟ୍ସମ୍ୟାନ ନରୋତ୍ତମ ଭଞ୍ଜ ସର୍ବାଧିକ ୪୪ ସଂଗ୍ରହ କରିଥିଲେ। ଜବାବରେ ଗ୍ରୀନଲିଫ ଫାଇଟର ୫.୫ ଓଭରରେ ୧ ଉଇକେଟ ହରାଇ ୪୦ ରନ କରିଥିଲା ବେଳେ ବର୍ଷା ବାଧକ ସାଜିଥିଲା। ବର୍ଷା ଛାଡ଼ିବା ପରେ ପୁଣି ଖେଳ ସମ୍ଭବ ନ ହେବାରୁ ଡିଏଲ (ଡକଓ୍ୱର୍ଥ ଲୁଇସ) ନିୟମ ଅନୁସାରେ ଗ୍ରୀନଲିଫ ଫାଇଟର ଦଳକୁ ୬ ରନରେ ବିଜୟୀ ଘୋଷିତ





ଚାମ୍ପିୟନ ଟ୍ରଫି ସହ ବିଜେତା ଦଳର ଖେଳାଳି।

କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କମିଟି ସଭାପତି ଡ. ଲକ୍ଷ୍ମୀନାରାୟଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ବିକ୍ରମ ପଣ୍ଡା, ସମ୍ମାନନୀୟ ଅତିଥି ଜିଲା କ୍ରିକେଟ ସଂଘର ସମ୍ପାଦକ ଅଜିତ ପାତ୍ର, ଟାଫେ ମହାକୁଡ଼ ବ୍ରଦର୍ସର ନିର୍ଦ୍ଦେଶକ ଅମିତ ଅମିତାଭ ମହାକୁଡ଼, କ୍ରିକେଟର୍ସ ଆସୋସିଏଶନର ସମ୍ପାଦକ ସପନ ଖିଲାର, ବିପିଏଲ ଚେୟାରମ୍ୟାନ ରାଜେଶ ମହାପାତ୍ର, କୋଷାଧ୍ୟକ୍ଷ ନୀଳମାଧବ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବିଜେତା ଦଳକୁ ୧ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୭୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ରଶ୍ମିରଞ୍ଜନ ମହାକୁଡ଼ ମ୍ୟାନ ଅଫ ଦି ମ୍ୟାଚ ଓ ମୁକେଶ କୁମାର ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ସେହିପରି ବେଷ୍ଟ ବ୍ୟାଟ୍ସମ୍ୟାନ ଗୁରୁଦ୍ଦିପନ ଜେନା ଏବଂ ବେଷ୍ଟ ବୋଲର ଭବିଷ୍ୟ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚକୁ ଅମିତ ଅମିତାଭ ମହାକୁଡ଼, ଶାନ୍ତନୁ ଦାସ ଓ ଟିଭି ଅମ୍ପାୟାର ଭାବେ ଅଶ୍ୱିନୀ ସାମଲ ପରିଚାଳନା କରିଥିଲେ। ସ୍କୋରର ଆନନ୍ଦ ବେହେରା ଓ ରାହୁଲ ସିଂ ଦାୟିତ୍ୱ ତୁଲାଇଥିଲେ। ମଳୟ କୁମାର ସେନାପତି ଓ ଏସ୍. ବି. ସିମରନ ଧାରା ବିବରଣୀ ପ୍ରଦାନ କରିଥିଲେ।

